## ଆଜି କ'ଣ କେଉଁଠି

**ଆସିକା**
- କୋଦିନ୍ଦା ଥାନା ଉଦ୍‌ଘାଟନ। ସ୍ଥାନ– କୋଦିନ୍ଦା। ସମୟ – ଅପରାହ୍ନ ସାଢ଼େ ୪ଟା।

**କ.ନୂଆଗାଁ**
- ବିଜେଡି ପ୍ରତିଷ୍ଠା ଦିବସ। ସ୍ଥାନ– ମାହାସିଙ୍ଗି, ସମୟ– ପୂର୍ବାହ୍ନ୧୦ଟା

## ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଗିରଫ

ବୁଗୁଡ଼ା,୮।୧(ଡି.ଏନ.ଏ.): ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଓ ଅଧିକ ଯୌତୁକ ଦାବିକରି ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁଗୁଡ଼ା ଥାନା ମାଣିତରା ପଞ୍ଚାୟତ ଅନ୍ତର୍ଗତ ମଙ୍ଗରାଜପୁର ଡାଙ୍ଗିସାହିର ରାଜେନ୍ଦ୍ର ପ୍ରଧାନ ଓରଫ ମୁନା (୩୦)। ରାଜେନ୍ଦ୍ର ଗତ ବର୍ଷ ଫେବୃଆରୀ ୧୧ରେ କରଚୁଲି ପଞ୍ଚାୟତ ଅନ୍ତର୍ଗତ ଜେକ ଗ୍ରାମର ଗୀତାଞ୍ଜଳିଙ୍କୁ ବିବାହ କରିଥିଲେ। ବାହାଘର ପରଠାରୁ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରୁଥିଲେ ମୁନା। ଫଳରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ତେବେ ତାଙ୍କର ଅଶ୍ଳୀଳ ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ କରିବା ଏବଂ ଯୌତୁକ ନିର୍ଯାତନା ଦେବା ଭଳି ଅଭିଯୋଗ ଆଣି ଗତ ୫ ତାରିଖରେ ଗୀତାଞ୍ଜଳି ବୁଗୁଡ଼ା ଥାନାରେ ଏତଲା ଦେଇଥିଲେ। ଅତିରିକ୍ତ ଆଇଆଇସି ଶର୍ମିଷ୍ଠା ପ୍ରଧାନ କେଶ୍ ନଂ ୧୩/୨୩ ରେ ଏକ ମାମଲା ରୁଜୁ କରି ରାଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଉପସ୍ଥିତିରେ ଗୀତାଞ୍ଜଳି ଆଣିଥିବା ଯୌତୁକ ସାମଗ୍ରୀ ଫେରାଇ ନେଇଥିବା ଜଣାପଡିଛି।

## ପାରିବାରିକ ବିବାଦ, ସ୍ୱାମୀଙ୍କ ଆତ୍ମହତ୍ୟା ସନ୍ଦେହ

ଭଞ୍ଜନଗର, ୮।୧(ଡି.ଏନ୍.ଏ): ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡି ଗ୍ରାମର ସୀମା ପାତ୍ର ରବିବାର ପାରିବାରିକ ବିବାଦରୁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଭଞ୍ଜନଗର ପୋଲିସ ସନ୍ଧ୍ୟାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାଥମିକ ସୂଚନାରୁ ଜଣାପଡିଛି, ସୀମା ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଶନିବାର କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ରବିବାର ସୀମା ଘରେ ମରି ପଡିଥିଲେ। ସୀମା ଘରେ ପଡିଥିବା ସନ୍ଧ୍ୟାରେ ପଡ଼ୋଶୀ ଲୋକେ ଦେଖିବାକୁ ପାଇ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଦୁର୍ଘଟଣାରେ ପିଇଟି ଶିକ୍ଷକଙ୍କ ମୃତ୍ୟୁ

ବାଲିଗୁଡା,୮।୧ (ଡି.ଏନ୍.ଏ): ସ୍ଥାନୀୟ ନୂଆସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟର ପିଇଟି ଶିକ୍ଷକ ବିରୁପାକ୍ଷ କହଁର(୪୧) ବାଇକରେ ଘରକୁ ଫେରିବା ସମୟରେ ନୂଆସାହି ଜରାଶ୍ରମ ନିକଟରେ ଏକ ଛେଳି ସହିତ ଧକ୍କା ଖାଇଥିଲେ। ସେ ଘଟଣା ସ୍ଥଳରେ ପଡିଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା

ଶେରଗଡ଼,୮।୧(ଡି.ଏନ୍.ଏ.): ଶେରଗଡ଼ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାକୁ ପ୍ରଧାନ ଆଚାର୍ଯ୍ୟ ସୂର୍ଯ୍ୟ ନାରାୟଣ ଦାଶ ଶୁଭାରମ୍ଭ କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ଶିବାନୀ ସ୍ୱାଇଁଙ୍କ ପରିଚାଳନାରେ ଶିଶୁ ମାନଙ୍କ ମଧ୍ୟରେ ଦୌଡ଼, ବେଙ୍ଗଡିଆ,ପୁଚି ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ବିବେକାନନ୍ଦ ଜୟନ୍ତୀ ସମାରୋହରେ ପୁରସ୍କୃତ କରାଯିବ।

# ହକି ପାଇଁ ଦୌଡ଼

- ପ୍ରତିଯୋଗୀଙ୍କ ମଧ୍ୟରେ ଅସନ୍ତୋଷ
- ବିଏମ୍‌ସି ପକ୍ଷରୁ ହୋଇଥିଲା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୮।୧

ବିଶ୍ୱକପ୍ ହକିକୁ ସ୍ୱାଗତ ଜଣାଇ ବିଏମ୍‌ସି (ବ୍ରହ୍ମପୁର ମହାନଗର ନିଗମ) ଓ ବିଡିଏ (ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ) ପକ୍ଷରୁ ରବିବାର ରାମଲିଙ୍ଗେଶ୍ୱର ପାର୍କଠାରେ ହକି ପାଇଁ ଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇଂ. ବିବେକ ରେଡ୍ଡୀ, କମିଶନର ଜେ.ସୋନାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କିନ୍ତୁ ବିଏମ୍‌ସି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ବିଫଳ ହୋଇଥିବା ଦେଖିବାକୁ ମିଳିଛି। ଦୌଡ଼ କାର୍ଯ୍ୟକ୍ରମକୁ ନେଇ ସୋସିଆଲ ମିଡିଆ ଓ ବିଭିନ୍ନ ସଂଗଠନ ଜରିଆରେ ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ କରାଯାଇଥିଲା। ଫଳରେ ୫ ହଜାରରୁ ଅଧିକ ଯୁବଛାତ୍ର ପଞ୍ଜୀକରଣ କରିଥିଲେ। କିନ୍ତୁ ବିଏମ୍‌ସି ପକ୍ଷରୁ



ୱାକାଥନରେ ଭାଗ ନେଇଥିବା ଦୌଡ଼ାଳି।

ଆଶା କରାଯାଇଥିବା ଦୋଡ଼ାଳିଙ୍କଠାରୁ ଅଧିକ ସଂଖ୍ୟକ ଯୋଗଦେଇଥିଲେ। ବିଏମ୍‌ସି ପକ୍ଷରୁ କେବଳ ୫୦୦ରୁ ୬୦୦ ଜର୍ସି ଅଗ୍ରିମ କରାଯାଇଥିଲା। ଫଳରେ ଏତେ ସଂଖ୍ୟକଙ୍କୁ ଜର୍ସି ଯୋଗାଇବା ସମ୍ଭବ ହୋଇ ନ ଥିଲା। ଯାହାଦ୍ୱାରା ବହୁ ଦୋଡ଼ାଳି ଜର୍ସି ପାଇବାରୁ ବଞ୍ଚିତ ହୋଇଥିଲେ। ଇଞ୍ଜିନିୟରିଂ ସ୍କୁଲଠାରେ ଦୌଡାଳିମାନେ ପହଞ୍ଚିବା ପରେ ସେଠାରେ ପାଣି ଓ କମଳା ମଧ୍ୟ ଠିକ୍ ଭାବେ ମିଳି ନ ଥିଲା। ଏପରି କି ଭାଗ ନେଇଥିବା କ୍ରୀଡ଼ା ଅନୁଷ୍ଠାନର ସଦସ୍ୟ, ସାମାଜିକ ସଂସ୍ଥା କର୍ମକର୍ତ୍ତା ଓ ଶହ ଶହ ଛାତ୍ରୀଛାତ୍ର ବିଏମ୍‌ସିର ଏପରି ଅବ୍ୟବସ୍ଥାକୁ ନିନ୍ଦା କରିବା ସହ ଆଗାମୀ ଦିନରେ ନିଗମ ପକ୍ଷରୁ ଆୟୋଜନ ହେବାକୁଥିବା କୌଣସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେନି ବୋଲି କହିଥିଲେ। ଏ ଏନେଇ ବିଏମ୍‌ସିର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ ନାମ ଗୋପନ ରଖି କହିଛନ୍ତି, ଜର୍ସି ପ୍ରଦାନ ପାଇଁ ଗୋଟିଏ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଉକ୍ତ ସଂସ୍ଥା ସେହି ପରିମାଣର ଜର୍ସି ଯୋଗାଇ ପାରିଲା ନାହିଁ। ତେବେ ୱାକାଥନ ଦୌଡ଼ରେ ବି. ବିଶ୍ୱନାଥ, ପ.ସୁରଜ ଭେଙ୍କଟ ଦ୍ୱିତୀୟ ଓ ଜି.ନାରାୟଣ ରାଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଆଇଟିଆଇର ବୃହତ୍ତମ ସ୍କ୍ରାପ୍ ହକି ଷ୍ଟିକ



ଆଇଟିଆଇ ପକ୍ଷରୁ ନିର୍ମିତ ହେଉଥିବା ସ୍କ୍ରାପ ହକିଷ୍ଟିକ।

### ବିଶ୍ୱକପ ହକିକୁ ସ୍ୱାଗତ

ବ୍ରହ୍ମପୁର ଅଫିସ,୮।୧

ଓଡ଼ିଶାରେ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ହକି ଅନୁଷ୍ଠିତ ହେବାକୁ ଯାଉଛି। ଚଳିତଥର ପୁରୁଷ ବିଶ୍ୱକପ୍ ହକିକୁ ନେଇ ସମଗ୍ର ରାଜ୍ୟରେ ପ୍ରଚାର ପ୍ରସାର ଆରମ୍ଭ କରାଯାଇଛି। ଏ ନେଇ ବ୍ରହ୍ମପୁରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେଉଛି। ତେବେ ବ୍ରହ୍ମପୁର ଆଇଟିଆଇ ଏକ ନିଆରା ଢଙ୍ଗରେ ହକିକୁ ସ୍ୱାଗତ ଜଣାଇବା ଲାଗି ସ୍କ୍ରାପ୍ ମାଧ୍ୟମରେ ୪୩ ଫୁଟ ଉଚ୍ଚତାର ଏକ ବୃହତ୍ତମ ହକି ଷ୍ଟିକ୍ ନିର୍ମାଣ କରିଛି। ଫିଟର, ଇଲେକ୍‌ଟ୍ରିସିଆନ, ପେଣ୍ଟର, ୱେଲ୍‌ଡର ଛାତ୍ରୀଛାତ୍ରମାନେ ୧୦ରୁ ୧୨ ଦିନ ମଧ୍ୟରେ ଏହି ବୃହତ୍ତମ ସ୍କ୍ରାପ୍‌ନିର୍ମିତ ହକି ଷ୍ଟିକ୍ ନିର୍ମାଣ କରିଛନ୍ତି। ଏହି ଷ୍ଟିକ୍‌ର ଓଜନ ୨ ଟନ୍‌ରୁ ଊର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ବର୍ତ୍ତମାନ ଏହାର ରଙ୍ଗ କାର୍ଯ୍ୟ ଜାରି ରହିଛି, ଯାହା ଆସନ୍ତା ୨ ଦିନ ମଧ୍ୟରେ ସଂପୂର୍ଣ୍ଣ ହେବା ପରେ ଏହାକୁ ଆଇଟିଆଇ ମୁକ୍ତାକାଶ ସ୍କ୍ରାପ୍ ପାର୍କରେ ରଖାଯିବ ବୋଲି ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଏହା ବିଶ୍ୱର ସବୁଠାରୁ ବୃହତ୍ତମ ହକି ଷ୍ଟିକ୍ ହୋଇଥିବାରୁ ଏହା ଗିନିଜ୍ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇବ ବୋଲି ଆଇଟିଆଇ ପକ୍ଷରୁ ଆଶା କରାଯାଇଛି। ଏଥିରେ ସ୍କ୍ରାପ୍ ବ୍ୟତୀତ ଲୁହା ଆଙ୍ଗେଲ, ଜିଆଇ ଶିଟ୍, ଗାଡ଼ିର ଚେନ୍, ବେରିଙ୍ଗ ସମେତ ଯାନବାହନର ଛୋଟ ଛୋଟ ଗିୟର ବକ୍ସ, କ୍ଲଚ୍ ପ୍ଲେଟ୍ ଓ ସ୍ପକେଟ୍ ଆଦି ବିଭିନ୍ନ ଗ୍ୟାରେଜରୁ ସଂଗ୍ରହ କରାଯାଇଥିଲା। ଏହାକୁ ଉପଯୋଗ କରାଯାଇ ଏହି ବୃହତ୍ତମ ହକି ଷ୍ଟିକ୍ ନିର୍ମାଣ କରାଯାଇଥିବା ଆଇଟିଆଇ ପକ୍ଷରୁ ସୂଚନା ମିଳିଛି।

## ଜାଲିଆତି କରି ସମ୍ପତ୍ତି ବିକ୍ରି ତଦନ୍ତ କରୁଛି ପୋଲିସ

ବ୍ରହ୍ମପୁର ଅଫିସ,୮।୧

ଜାଲ ଉତ୍ତରାଧିକାରୀ ନକଲି ନଥିପତ୍ର କରି ଭାଗ ସମ୍ପତ୍ତି ବିକ୍ରି କରାଯାଇଥିବା ନେଇ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସ୍ୱାମୀ ଓ ଶ୍ୱଶୁରଙ୍କ ଦେହାନ୍ତ ହୋଇଗଲା ପରେ ସେମାନଙ୍କ ଉତ୍ତରାଧିକାରୀ ଭାବେ ବୋହୂ ଓ ନାତୁଣୀଙ୍କ ଭାଗରେ ଥିବା ଜମିକୁ ଚକ୍ରାନ୍ତ କରି ଘରର ଅନ୍ୟ ପରିବାରବର୍ଗ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ନଂ.୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ସୁଲୋଚନା ପାଣିଗ୍ରାହୀ ନାମକ ଜଣେ ମହିଳା ୨୦୦୯ରେ ଗୋଶାଣୀନୂଆଗାଁର ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପୁଅ ସଚ୍ଚିଦାନନ୍ଦଙ୍କୁ ବିବାହ କରିଥିଲେ। ୨୦୧୦ରେ ତାଙ୍କର ଗୋଟିଏ ଝିଅ ଜନ୍ମ ହୋଇଥିଲା। କିନ୍ତୁ ୨୦୧୨ରେ ତାଙ୍କ ସ୍ୱାମୀ ଏବଂ ୨୦୧୬ରେ ଶ୍ୱଶୁରଙ୍କ ଦେହାନ୍ତ ହୋଇଥିଲା। ତେବେ ସୁଲୋଚନାଙ୍କ ସ୍ୱାମୀଙ୍କ ନାମରେ ଥିବା ସମ୍ପତ୍ତିର ୫ ଜଣ ଉତ୍ତରାଧିକାରୀ ଥିଲେ। ସେଥିରେ ଶାଶୁ, ଶ୍ୱଶୁର, ନଣନ୍ଦଙ୍କ ସହ ସୁଲୋଚନା ଏବଂ ତାଙ୍କ ଝିଅ ଥିଲେ। ଏନେଇ ବ୍ରହ୍ମପୁର ତହସିଲଦାରଙ୍କ କାର୍ଯ୍ୟାଳୟରୁ ସେ ଲିଗାଲ୍ ହେୟାର ସାର୍ଟିଫିକେଟ ମଧ୍ୟ ଆଣିଛନ୍ତି। କିନ୍ତୁ ଶାଶୁ ନଣନ୍ଦଙ୍କ ସହ ମାମୁଶ୍ୱଶୁର ମିଶି ଏକ ଜାଲ୍ ଲିଗାଲ୍ ହେୟାର ସାର୍ଟିଫିକେଟ୍ ପ୍ରସ୍ତୁତ କରି ସୁଲୋଚନା ଏବଂ ତାଙ୍କ ଝିଅକୁ ସମ୍ପତ୍ତି ଅଧିକାରରୁ ବଞ୍ଚିତ କରିଥିବା ସୁଲୋଚନା ଅଭିଯୋଗ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@କିରଣ



@ ଅଜିତ



@ ସାଜିଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କ୍ଷୁଦ୍ରତମ ହକି ଷ୍ଟିକ୍ ନିର୍ମାଣ କରି ବିଶ୍ୱକପ୍‌କୁ ସ୍ୱାଗତ



ସତ୍ୟ ନିର୍ମାଣ କରିଥିବା କ୍ଷୁଦ୍ରତମ ହକି ଷ୍ଟିକ୍ ।

ବ୍ରହ୍ମପୁର ଅଫିସ୍,୮।୧

ବ୍ରହ୍ମପୁରର ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା କ୍ଷୁଦ୍ର କଳାକୃତି ମାଧ୍ୟମରେ ବିଶ୍ୱକପ୍ ହକିକୁ ସ୍ୱାଗତ ଜଣାଇଛନ୍ତି। ସତ୍ୟ ଗମ୍ଭାରୀ କାଠରେ ୫ ମିଲିମିଟର ଲମ୍ବ ଓ ୧ ମିଲିମିଟର ଓସାର ବିଶିଷ୍ଟ କ୍ଷୁଦ୍ରତମ ହକି ଷ୍ଟିକ୍ ନିର୍ମାଣ କରିଛନ୍ତି, ଯାହା ଦେଖିବାକୁ ବହୁତ କ୍ଷୁଦ୍ର ଓ ଆକର୍ଷଣୀୟ ମଧ୍ୟ ହୋଇଛି। ସତ୍ୟ ଏହାକୁ ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ହକି ଷ୍ଟିକ୍ ବୋଲି କହିଛନ୍ତି। ଆଗାମୀ ଦିନରେ ସେ ଏହାକୁ ଏସିଆ ବୁକ୍ ଅଫ୍ ରେକର୍ଡ୍ସ ସମେତ ଅନ୍ୟାନ୍ୟ ରେକର୍ଡ ନିମନ୍ତେ ଆବେଦନ କରିବେ । ଏହା ରେକର୍ଡ ହାସଲ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ବ୍ରହ୍ମପୁର ପୋଲିସ ଜିଲାରେ ୧୦ ବ୍ଲାକ୍‌ସ୍ପଟ୍

### ବର୍ଷକରେ ୭୪ ଦୁର୍ଘଟଣା, ୨୧ ମୃତ୍ୟୁ

ବ୍ରହ୍ମପୁର ଅଫିସ,୮।୧

ବ୍ରହ୍ମପୁର ସହର ଓ ସନ୍ନିକଟ ଦେଇ ଯାଇଥିବା ଜାତୀୟ ରାଜପଥ ୧୬, ୫୯ ଏବଂ ରାଜ୍ୟ ରାଜପଥ ଏବେ ସଡ଼କ ଦୁର୍ଘଟଣାପ୍ରବଣ ହୋଇପଡ଼ିଛି। ଦୁର୍ଘଟଣା ରୋକିବା ପାଇଁ ଅନେକ ଯୋଜନା ହୋଇଥିଲେ ମଧ୍ୟ ବ୍ରହ୍ମପୁର ପୋଲିସ ଜିଲାରେ ଥିବା ୧୦ ଗୋଟି ବ୍ଲାକ୍‌ସ୍ପଟ୍‌ରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଦେଖିବାକୁ ମିଳୁଛି। ଅସଜଡ଼ା ରାସ୍ତା, ଜାତୀୟ ରାଜପଥରେ ଠିକ୍ ସୂଚନା ରହି ନ ଥିବା ଏବଂ ସ୍ଥିତି ଖରାପ ଯୋଗୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁର ପୋଲିସ ଜିଲାରେ ୧୦ ବ୍ଲାକ୍‌ସ୍ପଟ୍(ଦୁର୍ଘଟଣାପ୍ରବଣ ଅଞ୍ଚଳ) ଚିହ୍ନଟ ହୋଇଛି। ସହରର କୌଣସି ସ୍ଥାନରେ ୫ରୁ ଅଧିକ ଦୁର୍ଘଟଣା ଓ ୩ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲେ ସେହି ସ୍ଥାନଗୁଡ଼ିକୁ ବ୍ଲାକ୍‌ସ୍ପଟ ରୂପେ ଚିହ୍ନଟ କରାଯାଇଛି। ପରିତାପର ବିଷୟ ବ୍ରହ୍ମପୁର ପୋଲିସ ଜିଲାରେ ଥିବା ୧୦ ବ୍ଲାକ୍‌ସ୍ପଟ୍ ମଧ୍ୟରୁ ବ୍ରହ୍ମପୁର ସହର ଭିତରେ ୭ ରହିଥିବା ଜିଲା ପୋଲିସ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏହା କେବଳ କାଗଜ କଲମରେ ଚିହ୍ନଟ ହୋଇଛି। ଅନ୍ୟପଟେ ପରିବହନ ବିଭାଗ ଓ ବିଭାଗୀୟ କର୍ତ୍ତୃପକ୍ଷ ଦୁର୍ଘଟଣା ହ୍ରାସ କରିବା ପାଇଁ ଠିକ୍ ପଦକ୍ଷେପ ନେଇନାହାନ୍ତି। ଫଳରେ ପ୍ରତିଦିନ ଉକ୍ତ ୧୦ଟି ବ୍ଲାକ୍‌ସ୍ପଟ୍‌ରେ ଛୋଟବଡ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ଜିଲା ପରିବହନ ବିଭାଗ, ବ୍ରହ୍ମପୁର ପୋଲିସ ଜିଲାରେ ୧୦ ବ୍ଲାକ୍‌ସ୍ପଟ୍ ଚିହ୍ନଟ କରାଯାଇଛି। ଜାତୀୟ ରାଜପଥ –୧୬ରେ ରହିଛି ହଳଦିଆପଦରଠାରୁ ଖଜୁରିଆ ଓଭରବ୍ରିଜ୍, ଲାଞ୍ଜିପଲ୍ଲୀ ବାଇପାସ୍‌ଠାରୁ ଆଙ୍କୁଲି ଓଭରବ୍ରିଜ୍, କନିଷି–ଗୋଳନ୍ଥରା ଜାତୀୟ ରାଜପଥ, ହଳଦିଆପଦର–ଗୋଳନ୍ଥରା, ପୋକଡ଼ିବନ୍ଧ ଛକ। ସେହିପରି ଜାତୀୟ ରାଜପଥ –୫୯ରେ ରହିଛି ନୂଆ ବସ୍‌ଷ୍ଟାଣ୍ଡ ରୋଡ୍, କମାପଲ୍ଲୀରୁ କୁକୁଡ଼ାଖଣ୍ଡି ଛକ। ସେହିଭଳି ରାଜ୍ୟ ରାଜପଥରେ ସଦର ଥାନା ଅନ୍ତର୍ଗତ ବାଲିପଡ଼ା ଛକ ଓ ଦିଗପହଣ୍ଡି ଥାନା ଅନ୍ତର୍ଗତ ରାଜନଗର ଛକ ବ୍ଲାକ୍‌ସ୍ପଟ୍ ଭାବେ ଚିହ୍ନଟ ହୋଇଛି। ଏହିସବୁ ଅଞ୍ଚଳରେ ନିୟମିତ ଭାବେ ବାରମ୍ବାର ଦୁର୍ଘଟଣା ଘଟୁଛି।

୨୦୨୨ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ୭୪ଟି ଦୁର୍ଘଟଣା ଘଟିଛି। ସେଥିମଧ୍ୟରୁ ୨୧ ଜଣଙ୍କ ମୃତ୍ୟୁ ଘଟିଛି (ମୃତକଙ୍କ ମଧ୍ୟରେ ୧୬ ଜଣ ପୁରୁଷ ଓ ୫ ମହିଳା ରହିଛନ୍ତି)। ସେହିଭଳି ୩୬ ଜଣ ଗୁରୁତର ହୋଇଛନ୍ତି (୨୯ ପୁରୁଷ ଓ ୭ ଜଣ ମହିଳା)। ସେହିପରି ୧୧ ଜଣ ସାମାନ୍ୟ ଆହତ(ସେମାନଙ୍କ ମଧ୍ୟରେ ୮ପୁରୁଷ ଓ ୩ ମହିଳା) ହୋଇଥିବା ଟ୍ରାଫିକ ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୨୧ରେ ଉକ୍ତ ୧୦ଟି ଦୁର୍ଘଟଣାପ୍ରବଣ ଅଞ୍ଚଳରେ ୪୯ ଦୁର୍ଘଟଣା ହୋଇଥିବା ବେଳେ ୨୧ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରେ ୨୦ ଜଣ ପୁରୁଷ ଓ ଜଣେ ମହିଳା ରହିଛନ୍ତି। ସେହିପରି ଗୁରୁତର ଭାବେ ୩୧ ପୁରୁଷ ଓ ୨ ମହିଳା ଏବଂ ସାମାନ୍ୟ ଆହତ ହୋଇଥିଲେ ୮ ଜଣ ପୁରୁଷ ଓ ୩ ଜଣ ମହିଳା ବୋଲି ବ୍ରହ୍ମପୁର ଟ୍ରାଫିକ୍ ଥାନାଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ଆଜି

### ନିମଖଣ୍ଡି ଫାଣ୍ଡି ହେବ ଥାନା

ବ୍ରହ୍ମପୁର ଅଫିସ,୮।୧

ବ୍ରହ୍ମପୁର ସଦର ଥାନାର ଭୌଗୋଳିକ ସୀମା ଅଧିକ ରହିଛି। ଏଣୁ ଉକ୍ତ ଥାନା ଅଧୀନରେ ଥିବା ନିମଖଣ୍ଡି ଫାଣ୍ଡିକୁ ଥାନାରେ ରୂପାନ୍ତରିତ କରିବା ପାଇଁ କିଛିବର୍ଷ ହେଲା ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଥିଲା। ରାଜ୍ୟ ସରକାର ନିମଖଣ୍ଡି ଫାଣ୍ଡିକୁ ଥାନାରେ ରୂପାନ୍ତରିତ କରିବା ପାଇଁ ବିଗତ ଦିନରେ ଘୋଷଣା କରିଥିଲେ। ଇତିମଧ୍ୟରେ ୪ ମାସ ବିତିଯାଇଛି। ଶେଷରେ ସୋମବାର ଅପରାହ୍ନ ସାଢ଼େ ୪ଟାରେ ନିମଖଣ୍ଡି ଥାନାର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ କରିବା




ନିମଖଣ୍ଡି ଥାନା

ନେଇ ନିର୍ଦ୍ଦେଶନାମା ମିଳିଛି। ଉକ୍ତ ଥାନା ଉଦ୍‌ଘାଟନ ସମୟରେ ଦକ୍ଷିଣାଞ୍ଚଳ ରେଞ୍ଜ୍ ଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ଡା. ଶ୍ରବଣା ବିବେକ ଏମ୍., ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳାଇ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ସ୍ଥିର ହୋଇଛି। ଅନ୍ୟପଟେ ସୋମବାର ଉକ୍ତ ଥାନା ଖାଜାସାହି ନିକଟରେ ଥିବା ପୁରୁଣା ମହିଳା ଥାନାରେ ପ୍ରଥମେ କାର୍ଯ୍ୟକ୍ଷମ ହେବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନିମଖଣ୍ଡି ଥାନା ଉଦ୍‌ଘାଟନ କରିବା ପରେ ଉକ୍ତ ଥାନାର ଅଧିକାରୀ ଭାବେ ଇନ୍ସପେକ୍ଟର ଭାବନାନନ୍ଦ ପ୍ରଧାନ ଦାୟିତ୍ୱ ଗ୍ରହଣ କରିବେ। ସେହିପରି ଉକ୍ତ ନୂତନ ଥାନାରେ ଦୁଇଜଣ ଏସ୍‌ଆଇ ଓ ୨ଜଣ ଏଏସ୍‌ଆଇ ଓ ୮ କନଷ୍ଟେବଲଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ନିମଖଣ୍ଡି ଗ୍ରାମର ଏକ ମନ୍ଦିର ନିକଟରେ ଜାଗା ଚିହ୍ନଟ ହୋଇଥିବା ବେଳେ ସେଠାରେ ନିଜସ୍ୱ କୋଠା ଖୁବ୍‌ଶୀଘ୍ର ନିର୍ମାଣ ହେବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

SBL ସମ୍ବଲପୁରୀ ବସ୍ତ୍ରାଳୟ
ପବିତ୍ର ମକର ଓ ପୋଙ୍ଗଲ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୦୯।୦୧।୨୦୨୩ରୁ ତା୧୪।୦୧।୨୦୨୩ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.

## ସଂକ୍ଷେପରେ

### ଥାନା ପରିଦର୍ଶନ କଲେ ଏସ୍‌ପି

**ଆସିକା, ୮।୧ (ଡି.ଏନ.ଏ):** ଗଞ୍ଜାମ ଜିଲା ଏସ୍‌ପି ଭାବେ ଜଗମୋହନ ମୀନା ଦାୟିତ୍ୱ ଗ୍ରହଣ ପରେ ଶନିବାର ଆସିକା ଗସ୍ତରେ ଆସିଥିଲେ । ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଆସିକା ଥାନା ପରିଦର୍ଶନ କରିଥିଲେ । ରବିବାର ଆସିକା ଥାନା ଅନ୍ତର୍ଗତ କୋଟିନଡ଼ାଠାରେ ଉଦ୍‌ଘାଟିତ ହେବାକୁ ଥିବା କୋଟିନଡ଼ା ଥାନା ପରିଦର୍ଶନ କରି କାର୍ଯ୍ୟ କେତେଦୂର ଅଗ୍ରଗତି କରିଛି ବୁଲି ଦେଖିଥିଲେ। ଏସ୍‌ପିଙ୍କ ଏହି ଗସ୍ତ ସମୟରେ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, କୋଟିନଡ଼ା ନୂତନ ଥାନାରେ ଅବସ୍ଥାପିତ ଥାନା ଅଧିକାରୀ କୃଷ୍ଣ ସାହା ପ୍ରମୁଖ ଉପସ୍ଥିତ ଥିଲେ ।

### ଭାଜପା ସାଙ୍ଗଠନିକ ବୈଠକ

**ପାତ୍ରପୁର,୮।୧(ଡି.ଏନ୍.ଏ.):** ଚିକିଟି ନିର୍ବାଚନମଣ୍ଡଳୀ ଭାଜପାର ଜରଡ଼ା ମଣ୍ଡଳ ପକ୍ଷରୁ ରବିବାର ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନଦ୍ୟାନ ସାମନ୍ତରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳ ସଭାପତି ଅଜିତ୍ ପ୍ରଧାନ ସ୍ୱାଗତ ଜଣାଇ ବୈଠକର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନୁ ଶବର, ସନ୍ତୋଷ ପ୍ରଧାନ, ବାଲାଜୀ ପ୍ରଧାନ ଆନନ୍ଦ ବେହେରା, ପୂର୍ଣ୍ଣବାସୀ ରେଡ୍ଡୀ, ବି. ରାଘବ, ଓ ନାଗମା ରାଓ ପ୍ରମୁଖ ମଞ୍ଚାସୀନ ରହି ବୁଥସ୍ତରୀୟ ସାଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ବୁଥସ୍ତରୀୟ କର୍ମକର୍ତ୍ତା ଚୟନ କରାଯିବା ସହ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଦ୍ୟାନ ସାମନ୍ତରା ପ୍ରକାଶ କରିଥିଲେ।

### ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଭଞ୍ଜନଗର,୮।୧(ଡି.ଏନ୍.ଏ.):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ରବିବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ହୋଇଯାଇଛି। ଆଇଆର୍‌ବି ୮ମ ସ୍ୱତନ୍ତ୍ର ବାଟାଲିୟନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୭୦ଜଣ ଯବାନ ସାମିଲ ହୋଇ ସଫେଇ କରିଥିଲେ। ସେମାନଙ୍କୁ କଲେଜ ଏନ୍‌ସିସି ଆର୍ମି ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଅଧକ୍ଷ ରାଜେନ୍ଦ୍ର ଦାସ, ପ୍ରଶାସନିକ ଅଧିକାରୀ ପ୍ରାଧାପକ ସାତ୍ୟକି ସାହୁ ଉପସ୍ଥିତ ଥିଲେ। ଏନସିସି ଆର୍ମି ଅଫିସର ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ, ନାଭାଲ ଅଫିସର ଲେଫ୍ଟନାଣ୍ଟ ଡଃ ରବୀନ୍ଦ୍ର ମିଶ୍ର, ଏନଏସଏସ ଯୋଜନା ଅଧିକାରୀ ଅଧାପକ ସନାତନ ବେହେରା, ଅଧାପିକା ସସ୍ମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବାଲ ପ୍ରାଥମିକ ସଂସ୍କାର କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୮।୧ (ଡି.ଏନ୍.ଏ):** ପ୍ରତ୍ୟେକ ଗ୍ରାମର ଶିଶୁ ପ୍ରାଥମିକ ସଂସ୍କାର ପାଇବା ପାଇଁ ପାରଳାଖେମୁଣ୍ଡିସ୍ଥିତ ବାଲମୁକୁନ୍ଦ କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀଙ୍କ ଦ୍ୱାରା ବାଲ୍ ପ୍ରାଥମିକ ସଂସ୍କାର କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମ ପ୍ରଥମେ ଗୁମ୍ମା ବ୍ଲକ ଝାମୀ ପଞ୍ଚାୟତ ରସିକରାଜପୁର ଗ୍ରାମର ଶବର ସମାଜ କଲ୍ୟାଣ ସମିତିର ସତସଙ୍ଗ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରମେଶ ଶବର, ଆଦିକା ଗମାଙ୍ଗ ଓ ସୂର୍ଯ୍ୟ ଭାଇ ସହଯୋଗ କରିଥିଲେ । ଅପରାହ୍ନରେ ବିତୁଆ ଗ୍ରାମରେ କେ. ଜୟାଲକ୍ଷ୍ମୀଙ୍କ ସହଯୋଗ ନେଇ ଶିଶୁ ମାନଙ୍କୁ ବାଲ ପ୍ରାଥମିକ ସଂସ୍କାର କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ଗାୟତ୍ରୀ ପରିବାର ସଂସ୍କାର କେନ୍ଦ୍ରର ସଂଯୋଜକ ଶିଶିଭୂଷଣ ପଟ୍ଟନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ବାଲ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ଶିଶୁମାନଙ୍କୁ ଅବଗତ କରାଇଥିଲେ।

### ଭାରତୀୟ ପୂର୍ବସେନାନୀ ସଂଘର ବୈଠକ

**ପାରଳାଖେମୁଣ୍ଡି, ୮।୧ (ଡି.ଏନ୍.ଏ) :** ଭାରତୀୟ ପୂର୍ବସେନାନୀ ସଂଘ ଗଜପତି ଜିଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଗୋପୀନାଥ ପାଠାଗାରରେ ଅନୁଷ୍ଠିତ ବୈଠକରେ କ୍ୟାପଟେନ ମଲ୍ଲିକାର୍ଜୁନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବସେନାନୀ ସଂଘର ପ୍ରାୟ ୫୨ରୁ ଉର୍ଦ୍ଧ୍ୱ ସଦସ୍ୟମାନେ ଉପସ୍ଥିତ ରହି ପେନ୍‌ସନ, ଏରିଅର, ଫେମିଲି ପେନସନ ଆଦିରେ ଉପୁଜିଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ମତି ପ୍ରକାଶ କରାଗଲା। ଏହି କାର୍ଯ୍ୟକ୍ରମରେ ପୂର୍ବସେନାନୀ ଭବାନୀ ଶଙ୍କର ଆଚାର୍ଯ୍ୟ, କେ.ସମ୍ପତ୍ତି ରାଓ, କେ. ଆପ୍ପାରାଓ, ମନୋଜ ଦାଶ, ବି. କ୍ରିସ୍ତାରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# 'ଭଞ୍ଜନଗରରେ କିଟ୍‌ର ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ'

## ବିଜେଡିର ପ୍ରତିଷ୍ଠା ଦିବସ

**ଭଞ୍ଜନଗର,୮।୧(ଡି.ଏନ୍.ଏ.)**

ଭଞ୍ଜନଗର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ରବିବାର ସ୍ଥାନୀୟ ଜଳସମ୍ପଦ ବିଭାଗ ଆମ୍ବତୋଟାରେ ପାଳନ କରାଯାଇଛି। ଏଥିରେ ଭଞ୍ଜନଗର ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧକ୍ଷତା କରିଥିଲେ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଥିଲେ। କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କ ଦ୍ୱାରା ପରିଚାଳିତ କିଟ୍ ଅନୁଷ୍ଠାନ ପକ୍ଷରୁ ଭଞ୍ଜନଗରରେ ୨୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲ ପ୍ରତିଷ୍ଠା କରାଯିବ ବୋଲି ସଭାରେ ଘୋଷଣା କରିଥିଲେ। ବାଚସ୍ପତି ବିକ୍ରମ କେଶରୀ ଆରୁଖ ଓ ସେ ମିଶି ଉକ୍ତ ହସ୍ପିଟାଲ କରିବେ। ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ଏମ୍‌ପି ସାମନ୍ତ କହିଥିଲେ। ସେହିପରି କିସ୍ ଶାଖା ମଧ୍ୟ ଖୋଲି ଅଞ୍ଚଳରେ ଶିକ୍ଷାର ବିକାଶ କରାଯିବ ବୋଲି ସୂଚନା ଦେଇଥିଲେ। ଆଗକୁ ଭଞ୍ଜନଗର ଅଞ୍ଚଳର ଅନେକ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ପଦକ୍ଷେପ ନିଆଯାଇଛି। ଅଞ୍ଚଳର ବହୁ ଗରିବ ଲୋକଙ୍କୁ ସାହାଯ୍ୟ କରାଯାଇଛି। ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ନୂତନ କର୍ମନିଯୁକ୍ତି ପାଇଁ ସେ ପଦକ୍ଷେପ ନେଇଛନ୍ତି ବୋଲି ସାମନ୍ତ କହିଥିଲେ। ସୂଚନାଯୋଗ୍ୟ, ଇତିମଧ୍ୟରେ କିଟ୍ ପକ୍ଷରୁ ଆଇଆଇଟି ନିକଟରେ ଜମି ଅଧିଗ୍ରହଣ ପ୍ରକ୍ରିୟା ସରିଛି। ସାଂସଦଙ୍କ ଏହି ଘୋଷଣା ପରେ ଅଞ୍ଚଳବାସୀ ଖୁସି ହୋଇଛନ୍ତି ବୈଠକରେ ଜିଲା ବିଜେଡ଼ି ସଭାପତି ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ଭଞ୍ଜନଗର ବ୍ଲକ ଅଧକ୍ଷ ନରିସଭା ନାୟକ, ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଜଗନ୍ନାଥ ପ୍ରସାଦ ବ୍ଲକ ଅଧକ୍ଷା ଜୟଶ୍ରୀ ସାହୁ, ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଶୋଇ, ନଗର ଯୁବ ବିଜେଡ଼ି ସଭାପତି ସୁଧୀର ବେହେରା, ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ଶୈଳବାଳା ବିଶୋଇ, ନଗର ସଭାନେତ୍ରୀ ସୁଜ୍ଞାନୀ ଗଉଡ, ଜିଲା ବିଜେଡ଼ି ଉପସଭାପତି ରାଜକୁମାର ସାହୁ, ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ବିପ୍ର ଚରଣ ବାରିକ, ଏନଏସି ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, ଜଗନ୍ନାଥପ୍ରସାଦ ମହିଳା ବିଜେଡ଼ି ସଭାନେତ୍ରୀ ଲିପିକା ସ୍ୱାଇଁ, ବ୍ଲକ ବିଜେଡ଼ି ଉପସଭାପତି ପ୍ରଭାତ ଚନ୍ଦ୍ର ଦଳବେହେରା ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଏମ୍‌ପି ପ୍ରତିନିଧି ଦିବାକର ନାୟକ ସଭା ସଂଯୋଜନା କରିଥିଲେ।



ବିଜେଡି ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

### ଇ-ଶ୍ରମ କାର୍ଡ ଉପଭୋକ୍ତା ସଚେତନତା ଶିବିର

**ପାରଳାଖେମୁଣ୍ଡି, ୮।୧ (ଡି.ଏନ୍.ଏ)**

ଗଜପତି ଜିଲା କାଶୀନଗର ବ୍ଲକ ଖାରଡ଼ା ପଞ୍ଚାୟତ ଅନ୍ତର୍ଗତ ତାଡ଼ାବା ଓ ନାବଡ଼ା ଗ୍ରାମରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆରକେଏସ୍ଏସ୍' ପକ୍ଷରୁ ଦୁଇଦିନିଆ ଇ-ଶ୍ରମ ଉପଭୋକ୍ତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ରହ୍ମପୁରସ୍ଥିତ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ତଥା ସମ୍ପାଦକ ଲକ୍ଷ୍ମୀକାନ୍ତ ପଣ୍ଡା ଯୋଗଦେଇ ଇ-ଶ୍ରମ କାର୍ଡ ପୋର୍ଟାଲର ଆବଶ୍ୟକତା ଉପରେ ଉପାଦେୟ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗଣେଶ ପ୍ରଧାନ ଓ ଲିଙ୍ଗରାଜ ପାଣିଗ୍ରାହୀ ଇ-ଶ୍ରମ କାର୍ଡ ପଞ୍ଜୀକରଣ, ଆଧାର ସହ ମୋବାଇଲ ନମ୍ବର ଲିଙ୍କ, ବ୍ୟାଙ୍କ ଏକାଉଣ୍ଟ ସହ ସମଗ୍ର ଦେଶରେ ଇ-ଶ୍ରମ କାର୍ଡ ଉପଭୋକ୍ତାଙ୍କୁ ଦୁର୍ଘଟଣା ଜନିତ ମୃତ୍ୟୁ ୨ ଲକ୍ଷ ଟଙ୍କା ଆଂଶିକ, ଅକ୍ଷମତା ପାଇଁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ।

# କବିତା ପାଠ, ଓଡ଼ିଶୀ, କୁଇ ସଙ୍ଗୀତ ବାନ୍ଧି ରଖିଲା

**ଶୀତ ମହୋତ୍ସବର ଦ୍ୱିତୀୟ ଦିନ**

■ ବିଭିନ୍ନ ଷ୍ଟଲ ବୁଲି ଦେଖିଲେ ଜିଲାପାଳ

**ଦାରିଙ୍ଗବାଡି,୮।୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡିଠାରେ ୫ଦିନିଆ ଶୀତ ମହୋତ୍ସବ ଚାଲିଛି। ମହୋତ୍ସବର ଦ୍ୱିତୀୟ ଦିନ ରବିବାର ପୂର୍ବାହ୍ନରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ସନ୍ଧ୍ୟା ଅଧିବେଶନରେ ଓଡିଶୀ, କୁଇ ସଙ୍ଗୀତ ଓ କମେଡି ଦର୍ଶକଙ୍କୁ ବାନ୍ଧି ରଖିଥିଲା।

ପୂର୍ବାହ୍ନ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ପୂର୍ବତନ ଏମପି ତଥା ବିଶିଷ୍ଟ କବି ପ୍ରସନ୍ନ ପାଟ୍ଟଶାଣୀ ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କବିୟତ୍ରୀ ଅପର୍ଣ୍ଣା ମହାନ୍ତି,ଶଶାଙ୍କ ଚୂଡ଼ାମଣୀ,କାଳିନ୍ଦୀ ଚରଣ ନାୟକ,ରବୀନ୍ଦ୍ର ନାଥ ମିଶ୍ର,ଗାଳ୍ପିକ ରବୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବନାନୀ ସାହିତ୍ୟ ପରିଷଦର ସମ୍ପାଦକ ବିଦେଶୀ ନାୟକ ସଭା ପରିଚାଳନା କରିଥିବା ବେଳେ ସଭାପତି ପତିତପାବନ ରାଉତ, ଶୀତ ମହୋତ୍ସବ କମିଟିର ସମ୍ପାଦକ ତଥା ବିଡ଼ିଓ ଗଦାଧର ପାତ୍ର ଏବଂ କମିଟିର କୋଷାଧକ୍ଷ ତଥା ତହସିଲଦାର ଡ. ଅଶୋକ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୮୦ ଜଣ କବିୟତ୍ରୀ ଓ କବି ଯୋଗଦେଇ କବିତା ପାଠ କରିଥିଲେ। ଏଥିରେ ବିଶିଷ୍ଟ କବି ତଥା ମଞ୍ଚ ଅଭିନେତା ଶେଖ ଅବଦୁଲ ଖାଲିକ ସଭାପତିତ୍ୱ କରିଥିଲେ। କବୟିତ୍ରୀ ହରପ୍ରିୟ ମିଶ୍ର, ଜୋସ୍ନା କୁମାରୀ ପ୍ରଧାନ, ସୌଦାମିନୀ ମିଶ୍ର, କଳ୍ପଲତା ସ୍ୱାଇଁ, ସଂଯୁକ୍ତା ଶତପଥୀ ପ୍ରମୁଖ କବିତା ପାଠସବ ସଂଯୋଜନା କରିଥିଲେ। ଶୀତ ଓ ଦାରିଙ୍ଗବାଡିକୁ ନେଇ ଅନେକ କବୟିତ୍ରୀ ଓ କବି ନିଜ କବିତା ପାଠ କରିଥିଲେ । ଖୋର୍ଦ୍ଧା ଜିଲାର ବିଶିଷ୍ଟ କବି ମହମ୍ମଦ ଆଜାଦ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଫୁଲବାଣୀର ଡ. ନୃସିଂହାନନ୍ଦ ମହାପାତ୍ର, ବିଶ୍ୱେଶ୍ୱର ଆଚାର୍ଯ୍ୟ, ତୁଳସୀରାମ ମେହେରଙ୍କ ସମେତ ବହୁ କବି ଓ ଶ୍ରୋତା ଉପସ୍ଥିତ ଥିଲେ।

ସନ୍ଧ୍ୟାରେ ଶୀତ ମହୋତ୍ସବ କମିଟିର ସଭାପତି ସାଲୁଗା ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଟେଲି ଅଭିନେତ୍ରୀ ଏଲିନା, କନ୍ଧମାଳ ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ,ରାଇକିଆ ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ଜଳନ୍ଧର ବେହେରାଙ୍କ "ବେଙ୍ଗାମ ମନ ସିଆନା ଲୋ ବୁଡ଼ାଲି" ଗୀତରେ ଦର୍ଶକମାନେ ଝୁମିଥିଲେ। ସେହିପରି ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଓଡିଶୀକୁ ପ୍ରିୟଙ୍କା ଓ ଟିମ ପରିବେଷଣ କରିଥିଲେ। ବିଡ଼ିଓ ଗଦାଧର ପାତ୍ର, ତହସିଲଦାର ଡ. ଅଶୋକ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପରିବାର ସହ ଶୀତ ମହୋତ୍ସବକୁ ଆସି ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ ।



ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

## ଶିଶୁଲେଖକ କର୍ମଶାଳା ଓ ବାର୍ଷିକ ଉତ୍ସବ

**ରମ୍ଭା,୮।୧**

ଗଞ୍ଜାମ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଭାଷା ଓ ସାହିତ୍ୟକୁ ନେଇ ପଠନ, ଆବୃତ୍ତି ଓ ଲିଖନ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ଓ ବାର୍ଷିକ ଉତ୍ସବ ସାନରାମଚନ୍ଦ୍ରପୁର କ୍ଲଷ୍ଟର ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆର.କାମାରାଜୁ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ବେହେରା, ସମ୍ମାନିତ ଅତିଥି ଭାବେ ବିଆର୍‌ସିସି ବିଜୟ ଚନ୍ଦ୍ର ବେହେରା, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଭାସ୍କର ଚନ୍ଦ୍ର ମୁଦୁଲି, ୱାର୍ଡ଼ ମେମ୍ବର ଟୁନି ବେହେରା, ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ସୁବାସ ଚନ୍ଦ୍ର ପଣ୍ଡା, ନିମନ୍ତ୍ରିତ ଅତିଥି ଭାବେ ସିଆରସି ସୁଶାନ୍ତ କୁମାର ତରେଇ, ଦେବହରୀ ବେହେରା, ରବୀନ୍ଦ୍ର କୁମାର ସେଠୀ, ଦାମୋଦର ପଣ୍ଡା, ସୁରେନ୍ଦ୍ର ସେଠି ପ୍ରମୁଖ ଯୋଗଦେଇ ପ୍ରାଥମିକସ୍ତରରେ ଭାଷା ଶିକ୍ଷଣର ଉପାଦେୟତା ଏବଂ ଛାତ୍ରୀଛାତ୍ରମାନଙ୍କ ସୃଜନାତ୍ମକ ଦକ୍ଷତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗଳ୍ପ, ପ୍ରବନ୍ଧ, କବିତା, ପଠନ, ଲିଖନ, ଆବୃତ୍ତି, ଗୀତ, ନୃତ୍ୟ, ଅଭିନୟ, ଖେଳ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯଥା ପ୍ରତିମା ପାତ୍ର, ପି କଳ୍ପନା ରେଡ଼ି, ଏ. ତୋଫାନ ପାତ୍ର, ଏ. ମୋହନ ପାତ୍ର, ଜସ୍ମିନ ପାତ୍ର, ରଶ୍ମିତା ପାତ୍ର, ମାମାଲି ପ୍ରଧାନ, ଏସ. ବିଷ୍ଣୁପ୍ରିୟା ପାତ୍ର, ତୁଳସୀ ସୁବୁଦ୍ଧି, ରାଜଶ୍ରୀ ମହାରଣା ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଓ ପିଲାଙ୍କ ପ୍ରାର୍ଥନା ଶିଶୁ ପୁସ୍ତକ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ପ୍ରତିଭା ରୂପେ ବରିଷ୍ଠ କବି ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ସମର୍ପିତ ସାହିତ୍ୟ, ସମାଜ, ସଂସ୍କୃତି ସୁରକ୍ଷା ନିମନ୍ତେ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ଗଞ୍ଜାମ ବ୍ଲକର ଭାଷା ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଅଭିନବ ଶିଶୁ ଲେଖକ କର୍ମଶାଳ ଓ ବାର୍ଷିକ ଉତ୍ସବକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ରାଉତରାୟ ଓ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ତୋଫାନୀ ବୈଦ୍ୟ, ମିଥୁନ କୁମାର ନାହାକ ଏବଂ ବିରଜା ବାସିନୀ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସ୍ତ୍ରୀ ହତ୍ୟାକାରୀ ଗିରଫ

**ଗଞ୍ଜାମ,୮।୧(ଡି.ଏନ.ଏ.)**

ନୂଆବର୍ଷ ଦିନ ନିଜ ସ୍ତ୍ରୀଙ୍କୁ ପିଟିପିଟି ମାରି ଦେଇଥିବା ଅଭିଯୋଗରେ ସ୍ୱାମୀ ଲକ୍ଷ୍ମଣ ରେଡ଼ିଙ୍କୁ ହୁମା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଲକ୍ଷ୍ମଣ ଜିରୋ ନାଇଟ ପାଳନ କରିବାକୁ ସ୍ତ୍ରୀ ଜାନକୀଙ୍କୁ ପଇସା ମାଗିଥିଲେ। ସେ ନ ଦେବାରୁ ତାଙ୍କୁ ପିଟିପିଟି ମାରିଦେବା ପରେ ଗାଁ ପିଲାଙ୍କ ସହ ଜିରୋ ନାଇଟ ପାଳନ କରିଥିଲେ। ଘଟଣା ଜଣାପଡିବା ପରେ ମୃତ ଜାନକୀକୁ ଛତ୍ରପୁର ମେଡିକାଲ ନେଇଥିଲେ। ପୂର୍ବରୁ ମରିଯାଇଥିବା ଡାକ୍ତର ଜାଣିପାରି ହୁମା ଫାଣ୍ଡି ପୋଲିସକୁ ଖବର ଦେବା ପରେ ଖୋଳତାଡ଼ ଆରମ୍ଭ କରିଥିଲା ପୋଲିସ।

### ଗୋଷ୍ଠୀ ସଂଘର୍ଷ ଘଟଣା, ଜଣେ ଗିରଫ

**ଗୋପାଳପୁର,୮।୧(ଡି.ଏନ.ଏ.):** ପିତାତଳି ଗ୍ରାମରେ ଗତ ୩୧ ତାରିଖ ରାତିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଓ ବୋମାମାଡ଼ ଘଟଣାରେ ଗୋଳନ୍ଥରା ଥାନା ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପି.ମାଧବ (୩୬)। ମାଧବ ଗ୍ରାମରେ ଥିବା ବେଳେ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଗିରଫ କରିଥିଲା। ଏଥିପୂର୍ବରୁ ଗତ ୨ ତାରିଖରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲଣ କରିଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## କେଶପୁର ଜୁନିୟର କଲେଜରେ ଆଲୁମ୍ନି ମିଟ୍

**ଖଲ୍ଲିକୋଟ,୮।୧(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ କେଶପୁର ଜୁନିୟର କଲେଜରେ ଅଧକ୍ଷ ପ୍ରମୋଦ କୁମାର ଦୀକ୍ଷିତଙ୍କ ପୌରହିତ୍ୟରେ ଆଲୁମ୍ନି ମିଟ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୁରାତନ ଛାତ୍ରୀ ତଥା ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ଶ୍ରୀକୃଷ୍ଣ ଶରଣପୁର ସରପଞ୍ଚ ରୁବିଲତା ସାହୁ, ସମିତି ସଭ୍ୟ ରାଜୁ ତରେଇ, ରାମମୋହନ ପଣ୍ଡା, କାଳୁରାମ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ୧୯୮୬ ରୁ ଆରମ୍ଭ ହୋଇଥିବା ଏହି କଲେଜର ପ୍ରଥମ ବ୍ୟାଚ ଛାତ୍ର ଅଶୋକ ଚନ୍ଦ୍ର ସାହୁ, ଦ୍ୱିତୀୟ ବ୍ୟାଚ୍ ଛାତ୍ର ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ୱେତ କୁମାର ଦାଶ କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ କଲେଜରେ ରୌପ୍ୟଜୟନ୍ତୀ ପାଳନର ସମୟ ଅତିକ୍ରାନ୍ତ ହୋଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଚଳିତ ବର୍ଷ ଡିସେମ୍ବର ମାସରେ କେଶପୁର କଲେଜରେ ଆଡ଼ମ୍ବର ପୂର୍ଣ୍ଣ ଭାବେ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକାରୀ କମିଟି ଗଠିତ ହୋଇ ସମସ୍ତ ପୂର୍ବତନ ଛାତ୍ରୀଛାତ୍ରଙ୍କ ସହ ଯୋଗାଯୋଗ ପାଇଁ ରୋଡମ୍ୟାପ କରାଯାଇଥିଲା। ମୋ ସ୍କୁଲ ଅଭିଯାନ ପାଇଁ ପ୍ରଥମ ବୈଠକରେ ୮୬ ହଜାର ଆଦାୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ର ଶ୍ୱେତ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଅଧାପିକା ରାଜଲକ୍ଷ୍ମୀ ପଟ୍ଟନାୟକ, ଅଧାପକ ବୈଷ୍ଣବ ପରିଡା, ପ୍ରଭାତ କୁମାର ବିଶୋଇଙ୍କ ସମେତ ବିଭିନ୍ନ ବ୍ୟାଚର ସସ୍ମିତା ଆଚାର୍ଯ୍ୟ, ରଞ୍ଜିତା ରଥ, ସୁକାନ୍ତି ପାତ୍ର, ମୋହନ ସାହୁ, ଜୟରାମ ଦାଶ, ନିଳାଞ୍ଚଳ ମହାରଣା, ଗୁରୁମୂର୍ତ୍ତି ପାତ୍ର, ନଳିନୀ ପଣ୍ଡା ଓ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ପ୍ରତାପ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପାତ୍ରପୁର, ୮।୧(ଡି.ଏନ୍.ଏ)**

ପାତ୍ରପୁର ବ୍ଲକ ଜରଡ଼ାଗଡ଼ ରଥଦାଣ୍ଡରେ ପାର୍ଥସାରଥୀ ଭଲିବଲ ସଂଘ ଦ୍ୱାରା ରବିବାର ପ୍ରତାପ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପ୍ରତାପ ଗୌଡ଼ଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ତାଙ୍କ ବାପା ସୀମାଞ୍ଚଳ ଗୌଡ଼ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭାତ୍ରା ଟ୍ରଫି ଉନ୍ମୋଚନ କରିଥିଲେ। ଟୁର୍ନାମେଣ୍ଟରେ ଏମ୍‌ପି ପ୍ରତିନିଧି ସଚ୍ଚିଦାନନ୍ଦ ରାଜଗୁରୁ, ସରପଞ୍ଚ ତିଳ ବେହେରା, ବାପୁଜୀ ବିଷୋୟୀ, ଭଗବାନ ପାତ୍ର, କାଳିପ୍ରସାଦ ପଣ୍ଡା, ପ୍ରଦୀପ ପାତ୍ର, ପି.ଗଣେଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ସମୁଦାୟ ୮ଟି ଦଳ ଭାଗ ନେଇଥିବା ବେଳେ ଉଦଘାଟନୀ ଖେଳ ବ୍ରହ୍ମପୁର ରବର୍ଟ ସିକ୍ସ ଏବଂ ଫୁଲଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରବର୍ଟ ସିକ୍ସ ୨-୧ରେ ବିଜୟ ଲାଭ କରିଥିଲା। ରେଫରି ଭାବେ ଏସ.ସୀମାଞ୍ଚଳ ଯୋଗଦେଇଥିବା ବେଳେ ସ୍କୋରର ଭାବେ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସୁବ୍ରତ ପଣ୍ଡା, ସନ୍ତୋଷ ମୋହନ ପଣ୍ଡା, ଅମରିତ ଅଂଶୁମାନ ପଣ୍ଡା, ଆଲୋକ ପାଢ଼ୀ ପ୍ରମୁଖ ଦାୟିତ୍ୱ ତୁଲାଇଥିବା ବେଳେ ବଂଶୀଗୋପାଳ ପାଢ଼ୀ ଧାରା ବିବରଣୀ ପ୍ରଦାନ କରିଥିଲେ।

## ନେତାଜୀ ଜୟନ୍ତୀ ଉପଲକ୍ଷେ ଏଆଇଡିଏସ୍‌ଓର ପ୍ରତିଯୋଗିତା



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର।

**ବ୍ରହ୍ମପୁର ଅଫିସ୍,୮।୧**

ଅଲ୍ ଇଣ୍ଡିଆ ଡିଏସ୍‌ଓ ଗଞ୍ଜାମ ଜିଲା କମିଟି ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ ତମ ଜୟନ୍ତୀ ଉପଲକ୍ଷେ ରବିବାର ଭି. ଭି. ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟଠାରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ର ଓ ଯୁବସମାଜ ମଧ୍ୟରେ ଉନ୍ନତ ନୀତିନୈତିକତା, ମୂଲ୍ୟବୋଧ ଏବଂ ସୁଭାଷ ବୋଷଙ୍କ ନୀତି ଓ ଆଦର୍ଶ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ୪ର୍ଥ ଶ୍ରେଣୀରୁ ପିଜି ଯାଏ ୬ଟି ବିଭାଗରେ ନେତାଜୀଙ୍କ ଜୀବନ ସଂଗ୍ରାମ ସମ୍ପର୍କରେ ସାଧାରଣ ଜ୍ଞାନ 'ଆମେ ନେତାଜୀଙ୍କୁ ମନେ ପକାଇବା କାହିଁକି' ଶୀର୍ଷକ ଉପରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଲାରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆଜିର ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ ରାଜ୍ୟ ପରିଷଦର ସଭାପତି ସୋମନାଥ ବେହେରା, ଗଞ୍ଜାମ ଜିଲା କମିଟି ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଅଫିସ ସମ୍ପାଦକ କିଷାନ ସାହୁ ସମେତ ଶୁଭସ୍ମିତା ପାଣିଗ୍ରାହୀ, ଅଲିଭା ଦାଶ ଓ କାମରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏଡ୍‌ସ ନିୟନ୍ତ୍ରଣ ଉପରେ ଆଲୋଚନା

**ଫୁଲବାଣୀ ଅଫିସ, ୮ା୧:** ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ଏବଂ ସ୍ୱାତୀର ମିଳିତ ସହଯୋଗରେ ଏଡ୍‌ସ ନିୟନ୍ତ୍ରଣରେ ଗୋଷ୍ଠୀ ପରିଚାଳନା କୌଶଳ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଡ୍‌ସ ଜିଲା ସୁପରଭାଇଜର ଯୋଗଦେଇଥିବା ସ୍ଥଳେ 'ସ୍ୱାତୀ'ର ଅଧକ୍ଷ ପ୍ରଶାନ୍ତ ଶତପଥୀ, ପ୍ରକଳ୍ପ ପରିଚାଳକ ବିଶ୍ୱରଞ୍ଜନ କର, ଶାନ୍ତନୁ କୁମାର ମିଶ୍ର, କାଉନସିଲର ସ୍ନେହଲତା ନାୟକ, କନକଲତା ପାତ୍ର, ସ୍ୱାତୀ ମାନବ ସମ୍ବଳ ପରିଚାଳକ ପ୍ରଦୀପ କୁମାର ସ୍ୱାଇଁ ଯୋଗଦେଇ ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ଓ କାର୍ଯ୍ୟପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ। କନ୍ଧମାଳ ଜିଲାରେ ଯୌନ ସ୍ୱାସ୍ଥ୍ୟ କିପରି ସୂଚାରୁ ରୂପେ ପରିଚାଳନା କରାଯାଇ ଏଡସ୍ ଭଳି ଦୂରାରୋଗ ନିରାକରଣ ସବୁସ୍ତରରେ କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବିଶେଷ କରି ଯୁବ ଗୋଷ୍ଠୀମାନଙ୍କ ଭିତରେ ଜନ ସଚେତନତା ଜାରି ରଖିବା, ତୃଣମୂଳସ୍ତରର କର୍ମୀଙ୍କ ଦକ୍ଷତା ବୃଦ୍ଧି ପ୍ରତି ପ୍ରାଧାନ୍ୟ ଦେଲେ କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ ।

### ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ସ୍ୱତନ୍ତ୍ର ଅଧିବେଶନ

**ପାରଳାଖେମୁଣ୍ଡି, ୮ା୧ (ଡି.ଏନ୍.ଏ):** ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ସଭାପତି ଭାରତ ଭୂଷଣ ମହାନ୍ତିଙ୍କ ଅଧକ୍ଷତାରେ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଏକାଡେମୀ ଗଜପତି ଜିଲା ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ସ୍ୱାଗତ ସମ୍ଭାଷଣ ଏବଂ ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟ ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉତ୍କଳ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। ଉପଦେଷ୍ଟା ବିନୋଦ ଚନ୍ଦ୍ର ଜେନା ସାମ୍ପ୍ରତିକ ସମୟରେ ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଜରୁରୀ କହିଥିଲେ। ସମ୍ପାଦକ ଲିଙ୍ଗରାଜ ପ୍ରସାଦ ଦାଶ ନବ ନିର୍ବାଚିତ ସଭ୍ୟସଭ୍ୟାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ଶେଷରେ ଗୌରହରି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଗଞ୍ଜାମ ଏସ୍‌ପି ଦାୟିତ୍ୱ ନେଲେ ଜଗମୋହନ ମିନା



**ଛତ୍ରପୁର,୮ା୧(ଡି.ଏନ୍.ଏ.):** ଗଞ୍ଜାମ ପୋଲିସ ଜିଲାର ନୂତନ ଏସ୍‌ପି ଭାବେ ଜଗମୋହନ ମିନା ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡିଶା ପୋଲିସର ଗ୍ୟାଲେଣ୍ଟ୍ରି ଆୱାର୍ଡ ଓ ଡିଜିପି ଡିସ୍କ ଆୱାର୍ଡ ବିଜେତା ଏହି ଯୁବ ଆଇପିଏସ ଅଧିକାରୀ ୨୦୧୩ରେ ଗଞ୍ଜାମ ପୋଲିସ ଜିଲାରେ ଆଇପିଏସ ପ୍ରୋବେସନର ଭାବେ ତାଲିମପ୍ରାପ୍ତ ହେବା ପରେ ପ୍ରଥମେ କଳାହାଣ୍ଡିର କେସିଙ୍ଗା ଠାରେ ଏସଡିପିଓ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଗଞ୍ଜାମ ଏସ୍‌ପି ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାର ବରିଷ୍ଠ ପଦାଧିକାରୀମାନଙ୍କ ସମେତ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ଓ ପୋଲିସ ସଂଘ କର୍ମକର୍ତ୍ତାମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ରାଜ୍ୟ ସରକାରଙ୍କ ୫-ଟିକୁ ଆଧାର କରି ଅପରାଧ ସମୀକ୍ଷା କରିବା ଉପରେ ଗୁରୁତ୍ୱ ଦେବେ ବୋଲି ଏସ୍‌ପି କହିଛନ୍ତି। ସୂଚନା ଯୋଗ୍ୟ ଯେ, ଗଞ୍ଜାମ ପୋଲିସ ଜିଲାରେ ପୂର୍ବରୁ ଏସ୍‌ପି ଥିବା ବ୍ରିଜେଶ କୁମାର ରାୟ ଅନୁଗୋଳର ଡିଆଇଜି ଭାବେ ପଦୋନ୍ନତି ପାଇଛନ୍ତି।

### ଜଗନ୍ନାଥ ସ୍ୱାମୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପୋଲସରା,୮ା୧(ଡି.ଏନ.ଏ.):** ପୋଲସରା ବ୍ଲକ ଗୋଛାବାଡିସ୍ଥିତ ହାଇସ୍କୁଲ ପଡ଼ିଆରେ ରବିବାର ଜଗନ୍ନାଥ ସ୍ୱାମୀ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଏହାସହିତ ଖେଳାଳିମାନଙ୍କ ସହ ହାତ ମିଳାଇ ବିଶୃଙ୍ଖଳା ନ କରି ଖେଳିବା ଲାଗି ପରାମର୍ଶ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ଉଦଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମନମୋହନ ଗୌଡ଼, ବ୍ଲକ ଅଧକ୍ଷା ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଉପାଧକ୍ଷ କାହ୍ନୁଚରଣ ପରିଡା, ଏନଏସି ଉପାଧକ୍ଷ ସନ୍ତୋଷ ବେହେରା, ଜିଲା ମହିଳା ବିଜେଡି ସଭାନେତ୍ରୀ କବିତା ସାହୁ, ପୀତବାସ ପ୍ରଧାନ ଉପସ୍ଥିତ ଥିଲେ।

# ଶୀତରେ ଥରୁଛି କନ୍ଧମାଳ, ଦାରିଙ୍ଗବାଡ଼ିରେ ତୁଷାରପାତ



ଫୁଲବାଣୀରେ ଲୋକେ ଶୀତଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜାଳୁଛନ୍ତି।



ଦାରିଙ୍ଗବାଡିର ଏକ ଜମିରେ ପଡିଥିବା ତୁଷାର।

**ଫୁଲବାଣୀ ଅଫିସ/ ଜି.ଉଦୟଗିରି/ ଦାରିଙ୍ଗବାଡ଼ି,୮ା୧**

**ଫୁଲବାଣୀରେ ୫, ଜି.ଉଦୟଗିରି ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ**

କିଛିଦିନର ବ୍ୟବଧାନ ପରେ କନ୍ଧମାଳ ଜିଲାକୁ ଶୀତ ଫେରିଛି। ରବିବାର ଜିଲାର ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଫୁଲବାଣୀରେ ପାରଦ ୫ ଡିଗ୍ରୀକୁ ଖସିଛି। ସେହିପରି ଦାରିଙ୍ଗବାଡି ଅଞ୍ଚଳରେ ରବିବାର ତୁଷାରପାତ ହୋଇଛି। ଏଠାର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ରହିଥିବା ବିଡ଼ିଓ ଗଦାଧର ପାତ୍ର ସୂଚନା ଦେଇଛନ୍ତି।

ତାପମାତ୍ରା ବଢ଼ିଯିବା ଏବଂ ହଠାତ ବହୁମାତ୍ରାରେ କମିଯିବା ଫଳରେ ଲୋକେ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ଫୁଲବାଣୀରେ ଗତ ଦୁଇ ଦିନ ମଧ୍ୟରେ ତାପମାତ୍ରା ୮ରୁ ୫ ଡିଗ୍ରୀ ଖସିଯିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଦିନ ତମାମ ଶୀତର ଲହରୀ ଜାରି ରହିଛି । ଶୀତ ପ୍ରକୋପ ଯୋଗୁ ଲୋକେ ଜରୁରୀ କାମ ନ ଥିଲେ ବାହାରକୁ ବାହାରି ପାରୁ ନାହାନ୍ତି। ତଥାପି ଅନେକ ଲୋକେ ଶୀତର ମଜା ନେଉଛନ୍ତି। ଖରା ହେଉଥିଲେ ମଧ୍ୟ ଶୀତବସ୍ତ୍ର ବିନା ବାହାରକୁ ବାହାରି ହେଉନାହିଁ । ଆଗାମୀ ଦିନରେ ଆହୁରି ତାପମାତ୍ରା ଖସିବା ସହ ଥଣ୍ଡାର ମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ପ୍ରାକ୍ ଆକଳନ କରାଯାଉଛି । ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆ ଚାରିପାଖେ ବସୁଛନ୍ତି। ଫିଟ୍ ରହିବା ପାଇଁ ଲୋକେ ସକାଳୁ ବ୍ୟାୟମ, ମର୍ଣ୍ଣିଂ ୱାର୍କ କରୁଛନ୍ତି। ଜିଲାର ବାଲିଗୁଡ଼ା, ତୁମୁଡ଼ିବନ୍ଧ, କୋଟଗଡ଼, ବେଲଘର, ଜି ଉଦୟଗିରି, ରାଇକିଆ ଆଦି ଅଞ୍ଚଳରେ ମଧ ପାରଦ ଖସିବା ଫଳରେ ପ୍ରବଳ ଥଣ୍ଡା ଅନୁଭୁତ ହେଉଛି। କୁହୁଡ଼ି ଯୋଗୁ ଯାତାୟତରେ ବାଧା ସୃଷ୍ଟି ହେଉଛି। ଆଗକୁ ପାଗ ଶୁଖିଲା ରହିଲେ ଥଣ୍ଡା ଆହୁରି ବଢ଼ିବାର ସମ୍ଭାବନା ଥିବା ପାଣିପାଗ ପର୍ଯ୍ୟବେକ୍ଷକ ଅବିନାଶ ମୁଖୀ ସୂଚନା ଦେଇଛନ୍ତି।

# ଯଦୁମଣିଙ୍କ ୨୪୨ତମ ଜୟନ୍ତୀ

## କବି ଯଦୁମଣି ସାଂସ୍କୃତିକ ପରିଷଦ ଗଠିତ

**ପୋଲସରା,୮ା୧(ଡି.ଏନ୍.ଏ.)**

ପୋଲସରା ଥାନା ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କବି ଯଦୁମଣିଙ୍କ ୨୪୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ପୂର୍ବରୁ କବି ଯଦୁମଣିଙ୍କ ଜନ୍ମସ୍ଥାନକୁ ନେଇ ବିଭିନ୍ନ ମତପ୍ରକାଶ ପାଉଥିବା ବେଳେ ପ୍ରକୃତ ଜନ୍ମସ୍ଥାନ ପୋଲସରା ବ୍ଲକ ମଥୁରା ଗ୍ରାମ ହୋଇଥିବା ନେଇ ଆବଶ୍ୟକ ତଥ୍ୟ ଓ ପ୍ରମାଣ ଉପସ୍ଥାପନ କରିଥିଲେ ଆଇନଜୀବୀ ପବିତ୍ର କୁମାର ନାୟକ। କବି ଯଦୁମଣିଙ୍କ ରଚିତ ସାହିତ୍ୟ, ସଂଗୀତ କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ଏକ କମିଟି ମାଧ୍ୟମରେ କରିବାକୁ ନିଷ୍ପତ୍ତି ହୋଇଥିଲା। ଆଇନଜୀବୀ ପବିତ୍ର କୁମାର ନାୟକଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି କବି ଯଦୁମଣି ସାଂସ୍କୃତିକ ପରିଷଦ ନାମରେ ନାମିତ କରାଯିବା ସହ ସଭାପତି ଭାବେ ମନୋଜ କୁମାର ଘଡେଇ, ଉପସଭାପତି ଭାବେ ଶିବପ୍ରସାଦ ସାହୁ, ସମ୍ପାଦକ ଭାବେ ଡି. ଜ୍ୟୋତିରଞ୍ଜନ ଆଚାରୀ, ସାଙ୍ଗଠନିକ ସମ୍ପାଦକ ଭାବେ ରୋହିତ ପ୍ରଧାନ, ଆଇନଜୀବୀ ପବିତ୍ର କୁମାର ନାୟକଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ଆଗାମୀ ଦିନରେ ଉକ୍ତ କମିଟିକୁ ସମ୍ପ୍ରସାରଣ କରାଯିବା ସହ ସ୍ୱତନ୍ତ୍ର ବୈଠକ ଆୟୋଜନ କରି ମଥୁରା ଗ୍ରାମରେ କବି ଯଦୁମଣିଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବାକୁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି। ବୈଠକ ଶେଷରେ ଉପସଭାପତି ଶିବପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୌଣ୍ଡିକ ସମାଜର ରାଜ୍ୟସ୍ତରୀୟ ସମାବେଶ



ସମାବେଶରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

**ବ୍ରହ୍ମପୁର ଅଫିସ,୮ା୧**

ଗଞ୍ଜାମ ଜିଲା ଓ ବ୍ରହ୍ମପୁର ମହାନଗର ଶୌଣ୍ଡିକ ସମାଜର ମିଳିତ ଆନୁକୁଲ୍ୟରେ ଗୋପାଳପୁର ଜଙ୍କସନଠାରେ ରାଜ୍ୟ ସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସର୍ବଭାରତୀୟ କାର୍ଯ୍ୟକର୍ତ୍ତା ପ୍ରତାପ ଚନ୍ଦ୍ର ବେହେରା, ରାଜ୍ୟ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ରାଜ୍ୟ ଉପଦେଷ୍ଟା କୋଦଣ୍ଡ ଚୌଧୁରୀ, ବିକ୍ରମ ସାହୁ, ବରିଷ୍ଠ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଭଗବାନ ବେହେରା, ଜିଲା ସଭାପତି ନିରଞ୍ଜନ ସାହୁ, ମହାନଗର ସଭାପତି କାନୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସମାବେଶରେ ଶୁଣ୍ଡି ଜାତିର ସମସ୍ୟା ଓ ବିଭିନ୍ନ ସାମାଜିକ ବିଷୟ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ନୂତନ ବର୍ଷର କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ସଂଘ ପକ୍ଷରୁ ଭଞ୍ଜନଗରର ଫାଲଗୁନି ସାହ ଓଡିଶା ପ୍ରଶାସନିକ ସେବାରେ ଚୟନ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ତୃତୀୟ ସନ୍ଧ୍ୟାରେ 'ଏ କାହାଣୀ ରାଜଧାନୀର' ନାଟକ ମଞ୍ଚସ୍ଥ




କଳାକାରଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ।

**ବ୍ରହ୍ମପୁର ଅଫିସ,୮ା୧**

**ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ**

ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀ ଓ ବ୍ରହ୍ମପୁର କଳାକାର ଏକତା ମଞ୍ଚ ସହଯୋଗରେ ପ୍ରକାଶମ୍ ହଲଠାରେ ଅନୁଷ୍ଠିତ ୬ଷ୍ଠ ରାଜ୍ୟସ୍ତରୀୟ ଦକ୍ଷିଣ ଓଡିଶା ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଏ କାହାଣୀ ରାଜଧାନୀର ନାଟକ ମଞ୍ଚସ୍ଥ ହୋଇଛି। ଚିକିଟି କଳାକାରଙ୍କ ଦ୍ୱାରା ପରିବେଶିତ ନାଟକରେ ସୁରେନ୍ଦ୍ର ପାତ୍ର ରଚୟିତା ଥିବା ବେଳେ ଓ ଦୁର୍ଗା ପ୍ରସାଦ ରାଉଳ ନିର୍ଦ୍ଦେଶନା ଦେଇଛନ୍ତି। ଜଣେ ଡିଗ୍ରୀଧାରୀ ଯୁବକଟିଏ ଚାକିରୀ ନ ପାଇ ନିଜ ପାଇଁ ରୋଜଗାର ଆଶାରେ ସରକାରଙ୍କୁ ଦାବି ଜଣାଇବା ପାଇଁ ରାଜଧାନୀ ରାଜ ରାସ୍ତାରେ ପହଁଚିବା, ଜଣେ ଚାଷୀ କ୍ଷତିପୂରଣ ପାଇଁ ରାଜଧାନୀ ମୁହାଁ, ଯୁବତୀ ନ୍ୟାୟ ପାଇଁ ରାଜଧାନୀ ରାସ୍ତାରେ ଛିଡା ହେବା ଘଟଣା ନାଟକରେ ପରିବେଶିତ ହୋଇଛି। ଏହି ନାଟକରେ ଡ.ରାମ ଶଙ୍କର ପଟ୍ଟନାୟକ, ଅଶୋକ ପାଣିଗ୍ରାହୀ, ନିଳାଞ୍ଚଳ ପାତ୍ର ଓ ବାରିକ ସେଠୀ ପ୍ରମୁଖ ଅଭିନୟ କରୁଛନ୍ତି। ନାଟକରେ ଅରୁଣ ସାହୁ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ତୃତୀୟ ସନ୍ଧ୍ୟାରେ ଡ.ବିଜୟ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ, ଓଡିଶା ନାଟ୍ୟ ସଂଘ ଉପସଭାପତି ଇଂ.ମନୋଜ କୁମାର ଦଣ୍ଡପାଟ, ମହୋତ୍ସବ କମିଟି ଅଧକ୍ଷ ଅନିଲ କୁମାର ପାତ୍ର, ସମାଜିକକର୍ମୀ ସମ୍ବିତ କୁମାର ସାହୁ, ଡା.ଡି ଗୋଦାବରୀ ପାତ୍ର ଓ ଡ.ଦୀପକ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମଞ୍ଚ କଳାକାର ସମ୍ମିଳନୀ ସଭାପତି ବଳରାମ ଦାଶ, ସାଧାରଣ ସମ୍ପାଦକ ସଂଯୁକ୍ତା ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ

**ବ୍ରହ୍ମପୁର ଅଫିସ, ୮ା୧**

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଚାଲିଥିବା ୨ ଦିନିଆ କ୍ରୀଡ଼ା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୁରସ୍କାର ବିତରଣ ହୋଇଥିଲା। ଏଥିରେ ଅଧକ୍ଷା ଡ଼.ପ୍ରମିଳା ଖାଡ଼ଙ୍ଗା ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ମହେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଯୁକ୍ତ ୨ ବାଳିକା ବର୍ଗରେ ରିମଝିମ ନାୟକ, ବାଳକ ବର୍ଗରେ ସୁଚିତ୍ର ଗମାଙ୍ଗୋ ଯୁକ୍ତ ତିନି ମହିଳା ବର୍ଗରେ ଏମ୍.ଉଷା ଓ ପୁରୁଷ ବର୍ଗରେ କାଳିଆ ନାୟକ ଚାମ୍ପିୟନ ହୋଇଛନ୍ତି। ରିମଝିମ ଓ ସୁଚିତ୍ର ଉଭୟ ୧୦୦,୨୦୦ଓ ୪୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଏମ ଉଷା ୧୦୦, ୨୦୦,୪୦୦ ମିଟର ଦୌଡ଼ ଓ ଲଙ୍ଗଜମ୍ପରେ ପ୍ରଥମ ସ୍ଥାନ ଅଧିକାର କରିଥବା ବେଳେ କାଳିଆ ୪୦୦ ମିଟର ଓ ଲଙ୍ଗଜମ୍ପରେ ପ୍ରଥମ ସ୍ଥାନ ଏବଂ ୧୦୦ ମିଟର ଦୌଡ଼ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ାଉତ୍ସବର ପ୍ରଥମ ଦିନରେ ଯୁକ୍ତ ୨ ବାଳିକା ବର୍ଗରେ ୮ଟି ଓ ବାଳକ ବର୍ଗରେ ୧୦ଟି ପ୍ରତିଯୋଗୀତା ହୋଇଥିଲା। ସେହିପରି ଯୁକ୍ତ ୩ ମହିଳା ବର୍ଗରେ ୯ଟି ଓ ପୁରୁଷ ବର୍ଗରେ ୧୦ଟି ପ୍ରତିଯୋଗୀତା ହୋଇଥିଲା। କ୍ରୀଡ଼ା ଅଧିକାରୀ ଗୌରୀ ଶଙ୍କର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ରହି କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ

**ଭଞ୍ଜନଗର,୮ା୧(ଡି.ଏନ୍.ଏ.)**

ଭଞ୍ଜନଗର ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ରବିବାର ସ୍ଥାନୀୟ ଶ୍ରୀଅରବିନ୍ଦ ଶକ୍ତି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ସମ୍ବଲପୁର ବିଶବିଦ୍ୟାଳୟର ପ୍ରଫେସର ଡ.ଅରୁଣ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ରତ୍ନପ୍ରଭା ଦାସ, ଗୀତାଞ୍ଜଳି ସେନାପତି, ଶକ୍ତି ପୀଠ ସଭାପତି ଲଲାଟେନ୍ଦୁ ସାମନ୍ତ, ଜିଲା ମହିଳା ପାଠଚକ୍ର ସଭାନେତ୍ରୀ କମଳ କୁମାରୀ ସାମନ୍ତ, ଅଞ୍ଚଳ ସଂଗଠକ ରଘୁନାଥ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମିଳନୀରେ ଜିଲାର ବିଭିନ୍ନ ଅଞ୍ଚଳର କର୍ମକର୍ତ୍ତା ଯୋଗ ଦେଇଥିଲେ।



ସମ୍ମିଳନୀ ରେ ଉପସ୍ଥିତ କର୍ମକର୍ତ୍ତା।

# ଚିକିଟିପେଣ୍ଠ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

**ଚିକିଟି,୮ା୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ପେଣ୍ଠସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାମରାଓ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିନ୍ମୟାନନ୍ଦ ଶ୍ରୀରୁପ ଦେବ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଦୀପା କୁମାରୀ ସାହୁ, ବରିଷ୍ଠ ଶିକ୍ଷାବିତ ଉମାଧବ ମହାନ୍ତି ଯୋଗଦେଇ ଶିଶୁ ମନ୍ଦିରର ଆଦର୍ଶ ଓ ଶୃଙ୍ଖଳା ଉପରେ ମତବ୍ୟକ୍ତ କରିବା ସହ ଶିଶୁଙ୍କୁ ଏକାଗ୍ରତା ରକ୍ଷା କରି ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ସାହୁ ବିବରଣୀ ପାଠ କରିଥିଲା ବେଳେ ଆଚାର୍ଯ୍ୟ ରବି ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସିର୍କି ଇକୋ ପାର୍କ ଉଦ୍‌ଘାଟିତ

**ଜି.ଉଦୟଗିରି,୮ା୧**

ଓଡ଼ିଶା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତଥା ଜି.ଉଦୟଗିରି ବନାଞ୍ଚଳ ଓ ଫୁଲବାଣୀ ବନଖଣ୍ଡ ଅଞ୍ଚଳରେ ନୂତନ ଭାବେ ଗଢ଼ି ଉଠିଥିବା ସିର୍କି ଇକୋ ପାର୍କ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଏହାକୁ ଉଦଘାଟନ କରିଥିଲେ। ଏଠାକାର ପରିବେଶ ଏବଂ ନୌବିହାରର ଆନନ୍ଦ କହିଲେ ନ ସରେ। ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର, ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।



ସିର୍କି ଇକୋ ପାର୍କ ଉଦଘାଟନ କରୁଛନ୍ତି ବାଚସ୍ପତି ବିକ୍ରମକେଶରୀ ଆରୁଖ।

# କୋଟିଲାଗଡ଼-ସିକିଡ଼ିକିଆ ରାସ୍ତା ବିପର୍ଯ୍ୟସ୍ତ

**ଫୁଲବାଣୀ ଅଫିସ/ଟିକାବାଲି, ୮ା୧**

କନ୍ଧମାଳ ଜିଲାର ପ୍ରମୁଖ ସମସ୍ୟା ହେଉଛି ରାସ୍ତା । ଆଜି ପର୍ଯ୍ୟନ୍ତ ଜିଲାର ବହୁ ଦୁର୍ଗମ ଅଞ୍ଚଳକୁ ରାସ୍ତା ନାହିଁ । ଫଳରେ ଗ୍ରାମାଞ୍ଚଳର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । କିନ୍ତୁ ଫୁଲବାଣୀ-ବ୍ରହ୍ମପୁର ଜାତୀୟ ରାଜପଥର ମାତ୍ର ୧୦୦ ମିଟର ଦୂର ଟିକାବାଲି ପଞ୍ଚାୟତ କୋଟିଲାଗଡ଼-ସିକିଡ଼ିକିଆ ରାସ୍ତାର ଅବସ୍ଥା ଦେଖିଲେ ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଜି ପର୍ଯ୍ୟନ୍ତ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କରାଯାଉନାହିଁ । ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଯାଇଛି। ରାସ୍ତା ଉପରେ ଖାଲି ବଡ଼ ବଡ଼ ମେଟାଲ। ବାଇକ୍‌ରେ ଗଲେ ସବୁବେଳେ ଦୁର୍ଘଟଣା ଘଟୁଛି। ରାସ୍ତା ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ କରାଯାଉନାହିଁ।



ଗ୍ରାମକୁ ଲମ୍ବିଥିବା ରାସ୍ତାର ଅବସ୍ଥା।

ଟିକାବାଲି ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୨ କିମି ଦୂରରେ ରହିଛି ଏହି ରାସ୍ତା। ଆଜକୁ ପ୍ରାୟ ୨୦ବର୍ଷ ହେବ ରାସ୍ତା ସମତୁଲ ହୋଇ ମେଟାଲ କାମ ହୋଇଥିଲା । ସେହିଦିନଠାରୁ ଆଉ ରାସ୍ତା ମରାମତି କାମ ହୋଇନାହିଁ। କୋଟିଲାଗଡ଼ଠାରୁ ସିକିଡିକିଆ ଦେଇ ପାଲଟିପଦା ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ଏବେ ମରଣଯନ୍ତା । ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମିରହୁଛି । ଯାତାୟତ ବେଳେ ଲୋକେ ଖାଲଖମା ଜାଣି ନ ପାରି ରାସ୍ତାରେ ଦୁର୍ଘଟଣଗ୍ରସ୍ତ ହେଉଛନ୍ତି। ରାତିରେ ଯାତାୟତ କରିବା କଥା ନ କହିବା ଭଲ। ଏହି ୩ଟି ଗ୍ରାମରେ ବସବାସ କରୁଥିବା ପରିବାର ଦୀପ ତଳ ଅନ୍ଧାର ଭଳି କାଳାତିପାତ କରୁଛନ୍ତି ।

**ଏନ୍‌ଏଚ୍‌ରୁ ମାତ୍ର ୧୦୦ ମିଟର ଦୂର**

ରାସ୍ତା ପାଇଁ ଲୋକେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ଖାଲି ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଉଛି । ହେଲେ କାମ ହେଉନାହିଁ। ସରପଞ୍ଚଙ୍କୁ କହିଲେ ରାସ୍ତା କାମ ପାଇଁ ପ୍ରସ୍ତାବ ଦିଆଯାଇଥିବା କହୁଛନ୍ତି। ଆମେ ବହୁ ହଇରାଣ ହେଉଛୁ । କାମ କେବେ ହେବ ତାହାକୁ ଆମେ ଚାହିଁବସିଛୁ ବୋଲି କୋଟିଲାଗଡ଼ର ଅକ୍ଷୟ କହଁର, ଆଦିକନ୍ଦ କହଁର, ସୁଧାକର କହଁର ପ୍ରମୁଖ ପ୍ରକାଶ କରିଛନ୍ତି । ଏ ନେଇ ସରପଞ୍ଚ କୁହୁରୁ ମଲ୍ଲିକଙ୍କୁ ପଚାରିବାରୁ ରାସ୍ତା କାମ ପାଇଁ ସମିତି ମିଟିଂରେ ବାରମ୍ବାର କହିଛି । କିଛି ଦିନ ତଳେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଏହି ରାସ୍ତାକୁ ଗ୍ରାମ୍ୟ ନିର୍ମାଣ ବିଭାଜନ(ଆରଡି)ରେ ଅନ୍ତର୍ଭୁକ୍ତ କରି ଶିଘ୍ର କାମ କରିବାକୁ ପ୍ରସ୍ତାବ ଦେଇଛି । ଏ ପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇନାହିଁ ବୋଲି କହିଛନ୍ତି ।

